# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 4 June – 2024

# ଭୋଟ୍‌ଗଣତି

ରାଜ୍ୟରେ ୪ଟି ପର୍ଯ୍ୟାୟରେ ମୋଟ୍ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ଆସନ ପାଇଁ ନିଆଯାଇଥିବା ଭୋଟ୍‌ର ଆଜି ଗଣତି କରାଯିବ । ସକାଳ ୮ଟାରୁ ଗଣତି ଆରମ୍ଭ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଭୋଟ୍‌ଗଣତି ପାଇଁ ୭୦ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ସେଥିମଧ୍ୟରୁ ଗୋଟିଏ ଗଣନା କେନ୍ଦ୍ରରେ ପ୍ରଥମେ ପୋଷ୍ଟାଲ ବାଲାଟ ଗଣନା କରାଯିବ । ମୋଟ୍ ୩ ହଜାର ୫ଶହ ଅଣାନବେଟି ଗଣତି ଟେବୁଲ୍‌ର ବ୍ୟବସ୍ଥା କରାଯାଇଛି । ମତଗଣନା ବ୍ୟବସ୍ଥାର ତଦାରଖ ପାଇଁ ୧୨୪ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା  ମୋଟ୍ ୪୬୦ଜଣ ପ୍ରାର୍ଥୀଙ୍କର ଆଜି ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରିତ ହେବ ।

ଗଣତିର ଧାରାକୁ ଶ୍ରୋତାଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଭୋଟ୍ ଗଣତି ସମ୍ପର୍କିତ ସ୍ୱତନ୍ତ୍ର ସମ୍ବାଦ ପ୍ରସାରଣର ବ୍ୟବସ୍ଥା କରାଯାଇଛି । ପୂର୍ବାହ୍ନ ୧୦ଟା, ୧୧ଟା, ମଧ୍ୟାହ୍ନ

୧୨ଟା, ଅପରାହ୍ଣ ୪ଟା, ୪ଟା ୫୫ ଏବଂ ରାତି ୮ଟାରେ ଏହି ସ୍ୱତନ୍ତ୍ର ସମ୍ବାଦ ପ୍ରସାରଣ କରାଯିବ ।

---

# ଭୋଟ୍‌ଗଣତି-୨

ବିଭିନ୍ନ ଜିଲ୍ଲାରେ ଆଜିର ଭୋଟ୍‌ଗଣତି ନେଇ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଆମର ହସ୍ତଗତ ହୋଇଛି । ଭୋଟ୍‌ଗଣତି କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗଣତି କେନ୍ଦ୍ରକୁ ବିନା ଅନୁମତିରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି ।

ରାୟଗଡାଠାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗତକାଲି ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି । ଭୋଟ୍‌ଗଣତି କେନ୍ଦ୍ର ଅଞ୍ଚଳରେ ୧୪୪ଧାରା ଜାରି କରାଯାଇଛି ବୋଲି ଜିଲ୍ଲା ଏସ୍‌ପି ସୂଚନା ଦେଇଛନ୍ତି ।

ସେହିଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ କହିଛନ୍ତି ଗଣତିକୁ ସ୍ୱଚ୍ଛ ଏବଂ ଅବାଧ ଭାବେ ସମ୍ପନ୍ନ କରିବା ଲାଗି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି ।

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଭୋଟ୍‌ଗଣତି ପାଇଁ ୧୪ଟି ଟେବୁଲର ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳ କହିଛନ୍ତି ପୋଷ୍ଟାଲ ବାଲାଟ ଗଣତି ପାଇଁ ୪ଟି ଟେବୁଲର ବ୍ୟବସ୍ଥା କରାଯାଇଛି ।

ନବରଙ୍ଗପୁରରେ ଗଣତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ପୋଷ୍ଟାଲ ବାଲାଟ ଗଣତି ପାଇଁ ୧୫ଟି ଏବଂ ଇଭିଏମ୍ ଗଣନା ପାଇଁ ୮୮ଟି ଟେବୁଲର ବ୍ୟବସ୍ଥା ହୋଇଛି । ସେହିଭଳି ଢ଼େଙ୍କାନାଳଠାରେ ମଧ୍ୟ ଭୋଟ୍ ଗଣତି ପାଇଁ ୧୦ଟି ଲେଖାଏଁ ଟେବୁଲର ବ୍ୟବସ୍ଥା କରାଯାଇଛି ।

## ସ୍ୱ-ଘୋଷଣା ପ୍ରମାଣପତ୍ର-ବିଜ୍ଞାପନ

କୌଣସି ବିଜ୍ଞାପନ ପ୍ରକାଶ କିମ୍ବା ପ୍ରସାରଣ ପୂର୍ବରୁ ଏଣିକି ବିଜ୍ଞାପନଦାତା ଅଥବା ବିଜ୍ଞାପନ ସଂସ୍ଥା ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ । ସମସ୍ତ ନୂଆ ବିଜ୍ଞାପନ ପାଇଁ ଏହି ପ୍ରମାଣପତ୍ର ଦାଖଲ କରିବାକୁ ଆସନ୍ତା ୧୮ ତାରିଖ ଧାର୍ଯ୍ୟ କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ପ୍ରସାରଣ ସେବା ପୋର୍ଟାଲ ଆରମ୍ଭ କରାଯାଇଛି । ଆଜିଠାରୁ ଆସନ୍ତା ୧୮ ତାରିଖ ମଧ୍ୟରେ ଏହି ପୋର୍ଟାଲ ମାଧ୍ୟମରେ ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିପାରିବେ ।

## ଅଂଶୁଘାତଜନିତ ମୃତ୍ୟୁ

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୩୦ରେ ପହଞ୍ଚିଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସଂଧ୍ୟାସୁଦ୍ଧା ୧୪୭ଟି ଅଂଶୁଘାତଜନିତ ମୃତ୍ୟୁ ହୋଇଥିବାର ଅଭିଯୋଗ ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ୫୦ଟି ଅଭିଯୋଗର

ତଦନ୍ତ ଇତିମଧ୍ୟରେ ଶେଷ ହୋଇଛି । ସେଥିରୁ ୩୦ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ନେଇ ସ୍ପଷ୍ଟ ହୋଇଛି । ଅନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କାର୍ଯ୍ୟ ଜାରି ରହିଛି ବୋଲି ଏସ୍.ଆର୍.ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଖଲିକୋଟ ନିର୍ବାଚନୀ ହିଂସା-ଗିରଫ

ଖଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣକୂଳ ଗ୍ରାମରେ ନିର୍ବାଚନୀ ହିଂସା ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଗତକାଲି ଆଉ ୩ଜଣଙ୍କୁ ଗିରଫ କରାଯାଇଛି । ପୂର୍ବରୁ ଏହି ଘଟଣାରେ ୧୪ଜଣଙ୍କୁ ଗିରଫ କରାଯାଇଥିଲା । ଗଞ୍ଜାମର ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହି ହିଂସା ଘଟଣାର ଅନୁସନ୍ଧାନ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ସୂଚନାଯୋଗ୍ୟ ଏହି ହିଂସାକାଣ୍ଡ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା

କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସ୍‌ସି ଦ୍ୱାରା ପରିଚାଳିତ ଭାରତୀୟ ପ୍ରଶାସନିକ ସେବାର ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୧୬ ତାରିଖ ଦିନ ଅନୁଷ୍ଠିତ ହେବ । ଏହାର ସପ୍ତାହେ ପୂର୍ବରୁ ୟୁପିଏସ୍‌ସିର ୱେବ୍‌ସାଇଟ୍‌ରେ ପ୍ରମାଣପତ୍ର କାର୍ଡ ଉପଲବ୍ଧ ହେବ । ଏହି ୱେବ୍‌ସାଇଟ୍‌ରୁ ପରୀକ୍ଷାର୍ଥୀ ତାଙ୍କର ପ୍ରମାଣପତ୍ର କାର୍ଡକୁ ଡାଉନ୍‌ଲୋଡ କରିପାରିବେ ବୋଲି ୟୁପିଏସ୍‌ସି

କହିଛି । ଚଳିତବର୍ଷ ଏକହଜାର ୫୬ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ମିଳିତ ପ୍ରବେଶିକା ପରୀକ୍ଷା

୨୦୨୪-୨୫ ଶିକ୍ଷାବର୍ଷ ପାଇଁ **NCERT** ର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବିଭିନ୍ନ ପାଠ୍ୟକ୍ରମ ପାଇଁ ମିଳିତ ପ୍ରବେଶିକା ପରୀକ୍ଷା ଆଗାମୀ ୧୬ ତାରିଖରେ ଅନୁଷ୍ଠିତ ହେବ । ଭୁବନେଶ୍ୱର, ଭୋପାଳ, ଆଜମେର, ମହୀସୁର ଏବଂ ସିଲଙ୍ଗରେ ନାମଲେଖାପାଇଁ ଏହି ପରୀକ୍ଷା କରାଯିବ । ଚଳିତବର୍ଷ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆଜି ହେଉଛି ଆବେଦନ ପତ୍ର ଦାଖଲର ଶେଷ ତାରିଖ । ତେବେ ପରୀକ୍ଷା ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ପରୀକ୍ଷାର୍ଥୀ **www.cee.ncert.gov.in** ରେ ଲଗ୍ଇନ୍ କରିପାରିବେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ୪/୫ ଦିନ ମଧ୍ୟରେ ଓଡ଼ିଶା ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏଥିପାଇଁ ପାଗ ଅନୁକୂଳ ରହିଥିବା ଜଣାପଡିଛି । ତେବେ ଗତକାଲି ରାଜ୍ୟର କେତେକ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ହୋଇଥିଲା । ଫଳରେ ଦିନ ତାପମାତ୍ରାରେ ପରିବର୍ତ୍ତନ ହେବା ସହ ୩ଟି ସହରକୁ ଛାଡିଦେଲେ ଅନ୍ୟ ସହରଗୁଡ଼ିକର ତାପମାତ୍ରା ୪୦ଡିଗ୍ରୀ ସେଲସିୟସରୁ କମ୍ ରହିଥିଲା । ଗତକାଲି ସର୍ବୋଚ୍ଚ ଦିନ ତାପମାତ୍ରା ନୂଆପଡାଠାରେ ୪୧

ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆଜି ମଧ୍ୟ କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି ।

..............................................................................